**୭ ସଂକ୍ରମିତ ଚିହ୍ନଟ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରେ ରବିବାର ୭ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୩ଜଣ ସୁସ୍ଥ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ପରଜଙ୍ଗ ବ୍ଲକର ୨, ଓଡ଼ାପଡ଼ା ବ୍ଲକର ୧, ଭୁବନ ବ୍ଲକର ୧ ଏବଂ ଅନ୍ୟ ଚିକିତ୍ସାଳୟର ଜଣେ ରହିଛନ୍ତି। ଜିଲାରେ ମୋଟ ସକ୍ରିୟ ମାମଲା ୬୧ ଏବଂ କୋଭିଡ଼ଜନିତ ମୃତ୍ୟୁସଂଖ୍ୟା ୨୪୨ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୬୧ ୟୁନିଟ୍ ରକ୍ତ ସଂଗ୍ରହ



**ଭୁବନ, ୧୯।୯(ଡି.ଏନ୍.ଏ.):** ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଅନ୍ତର୍ଗତ କିଙ୍ଗୋଳ-ଅସୁରବନ୍ଧ ସତ୍ୟସାଇ ବିଦ୍ୟାବିହାର ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। 'ଜୟ ଅଫ୍ ଗିଭିଂ' ପକ୍ଷରୁ ଆୟୋଜିତ ଏହି ଶିବିରରେ ମୋଟ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଢେଙ୍କାନାଳ ରକ୍ତଭଣ୍ଡାର କର୍ମଚାରୀ ପରମାନନ୍ଦ ପଣ୍ଡା, ଭୀମସେନ ବେହେରା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ସେବାସଂସ୍ଥା ମୁଖ୍ୟ ସୁଜିତ କୁମାର ଧୀରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କର୍ମକର୍ତ୍ତା ଜ୍ଞାନରଞ୍ଜନ ଧୀର, ବିଭୂତି ଭୂଷଣ ଧୀର, ଆଶୁତୋଷ ଧୀର, ଜିତେନ୍ଦ୍ର ପଣ୍ଡା, ରାଜୀବ ଲୋଚନ ପଣ୍ଡା, କୁନା ଧୀର, ନବକିଶୋର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ଢାବାରୁ ବିପୁଳ ମଦ ଜବତ

**ପରଜଙ୍ଗ, ୧୯।୯ (ଡି.ଏନ୍.ଏ.):** ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ପଞ୍ଚବଟୀ ଢାବାରୁ ବିଭିନ୍ନ ବ୍ରାଣ୍ଡ୍‌ର ୨୪ ବୋତଲ ବିଦେଶୀ ମଦ ଜବତ କରାଯାଇଥିବାବେଳେ ମାଲିକ ସୁବାସ ପଣ୍ଡାଙ୍କୁ ପୋଲିସ ଗିରଫ କରିଛି। ସେହିପରି କୁମୁସୀ ଗ୍ରାମର ଦ୍ରୌପଦୀ ସାହୁଙ୍କଠାରୁ ୪୦ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଢାବା ମାଲିକଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ସନ୍ଧ୍ୟାରେ ପରଜଙ୍ଗ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଲୋଧଣି ଗ୍ରାମ ଗଣ୍ଡି ଢ଼ାବାରେ ଚଢ଼ାଉ କରି ୩୭ ବୋତଲ ବିଦେଶୀ ମଦ ଜବତ କରିଛି। ମାଲିକ ଶିବ ପ୍ରଧାନ (୫୫)ଙ୍କୁ ଗିରଫ କରାଯାଇଛି। ଚୋରା ମଦ ବିକ୍ରି ହେଉଥିବା ସ୍ଥାନରେ ଚଢ଼ାଉ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୯।୯(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଅଖରକଟା ଗ୍ରାମର ଦେବକୀ ପ୍ରଧାନ ଓ ରିଙ୍କୁ ପ୍ରଧାନଙ୍କୁ ରାଜିଙ୍ଗ ଗ୍ରାମର ପୁଟୁ ନାୟକ ମାଡ଼ ମାରିଥିବା ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୩୪/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦେବକୀ ଓ ରିଙ୍କୁ ସ୍କୁଲ ବାରଣ୍ଡାରେ ଛିଡ଼ା ହୋଇଥିବାବେଳେ ପୁଟୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଛେଣ୍ଡିପଦା,୧୯।୯(ସ୍ୱ.ପ୍ର):** ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ସରଲିଆ ପେଟ୍ରୋଲ ପମ୍ପ ନିକଟରେ ରବିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ କୁକୁରପେଟା ଗ୍ରାମର ମହି ସେଠୀ। ମହି ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଅନୁଗୋଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଅନୁଗୋଳରୁ ୧୩ କରୋନା ପଜିଟିଭ୍

**ଅନୁଗୋଳ ଅଫିସ,୧୯।୯:** ଅନୁଗୋଳ ଜିଲାରୁ ଶୁକ୍ରବାର ୧୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୨୬୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକର ୪, ଛେଣ୍ଡିପଦା ବ୍ଲକର ୩, ଅନୁଗୋଳ ପୌରାଞ୍ଚଳର ୨, ବଣ୍ଟାଁରପାଳ ବ୍ଲକର ୨, ଅନୁଗୋଳ ବ୍ଲକର ଜଣେ, କଣିହାଁ ବ୍ଲକର ଜଣେ ରହିଛନ୍ତି। ସେହିପରି ୫ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବିଶ୍ୱକର୍ମା ପୂଜା ଉପଲକ୍ଷେ ଭଜନସନ୍ଧ୍ୟା

**ଗଁଦିଆ, ୧୯।୯:** ଗଁଦିଆ ବ୍ଲକ ପିଙ୍ଗୁଆ ଗ୍ରାମ ଗାନ୍ଧୀ ଛକ ସନ୍ନିକଟ ହନୁମାନ ମନ୍ଦିରରେ ଆୟୋଜିତ ବିଶ୍ୱକର୍ମା ପୂଜା ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କବି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଅକ୍ଷୟ କୁମାର ମହାପାତ୍ର ଏହାର ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ଓଝା, ବୁଦ୍ଧଦେବ ପ୍ରଧାନ, ବସନ୍ତ ରାଉତ, ଶୁକଦେବ ପୃଷ୍ଟି, ବସନ୍ତ ସାହୁ, ଅଜୟ ମଲ୍ଲିକ ପ୍ରମୁଖ ଭଜନ ପରିବେଷଣ କରିଥିଲେ।

# ବଞ୍ଚିବାକୁ ବୈକୁଣ୍ଠଙ୍କ ସଂଘର୍ଷ


ଚିକିତ୍ସାଧୀନ ବୈକୁଣ୍ଠ ବିଶ୍ୱାଳ।

*ଦୁଃଖ ଆସିଛି, ସାଙ୍ଗସାଥୀଙ୍କୁ ଧରି। ଯନ୍ତ୍ରଣା ବି ଏମିତି, ଭାବିବା ବେଳକୁ ଶୀତେଇ ଉଠିବ ଦେହ। ଛାତ ଉପରେ ଖେଳୁଥିବାବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଗଲା ସମ୍ପୂର୍ଣ୍ଣ ଶରୀର। ନଷ୍ଟ ହୋଇଗଲା ୨ ହାତ ଏବଂ ଡାହାଣ ଗୋଡ଼। ପୋଡ଼ିଯାଇଥିବା ଅଙ୍ଗ ପଚିଯିବା ଆଶଙ୍କା ଥିବାରୁ ଅସ୍ତ୍ରୋପଚାର କରି କାଟିଦେବାକୁ ବାଧ୍ୟ ହେଲେ ଡାକ୍ତର। ଏହାପରେ ବଦଳିଯାଇଛି ୧୫ ବର୍ଷୀୟ ବୈକୁଣ୍ଠ ବିଶ୍ୱାଳଙ୍କ ଜୀବନ। ସାଙ୍ଗସାଥୀ ମେଳରେ ଖେଳିବୁଲି ଗାଁ ସାରା ଚହଳ ସୃଷ୍ଟି କରୁଥିବା ଏହି ନାବାଳକ ଏବେ ୮ ମାସ ହେଲା ମେଡିକାଲରେ ଶଯ୍ୟାଶାୟୀ। ପୁଅର ଚିକିତ୍ସାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇପଡ଼ିଥିବା ପରିବାର ଏବେ ସରକାରୀ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାକୁ ଅପେକ୍ଷା କରିଛନ୍ତି ।*

- ବିଦ୍ୟୁତ୍ ଆଘାତରେ ହରାଇଲେ ୨ ହାତ, ଗୋଡ଼
- ଚିକିତ୍ସାରେ ଖର୍ଚ୍ଚ ହେଲାଣି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା
- ଅସହାୟ ବାପା ଲୋଡ଼ିଲେ ବଦାନ୍ୟଙ୍କ ସହାୟତା

**କାମାକ୍ଷାନଗର, ୧୯।୯(ଡି.ଏନ୍.ଏ.)**

୨୦୨୧ ଜାନୁୟାରୀ ୨୧। ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସି ୪ନଂ. ୱାର୍ଡର ପ୍ରଦୀପ ବିଶ୍ୱାଳ ଏବଂ ସାବିତ୍ରୀ ବିଶ୍ୱାଳଙ୍କ ଜୀବନରେ ଘୋଟି ଆସିଥିଲା ଅନ୍ଧକାର। ୧୫ ବର୍ଷୀୟ ସାନପୁଅ ବୈକୁଣ୍ଠ ଛାତ ଉପରେ ଖେଳୁଥିବାବେଳେ ୧୧ କେଭି ତାର ସଂସ୍ପର୍ଶରେ ଆସି ଜଳି ଯାଇଥିଲେ। ଦୀର୍ଘ ୮ ମାସର ଚିକିତ୍ସା ମଧ୍ୟରେ ବୈକୁଣ୍ଠ ହରାଇଛନ୍ତି ଦୁଇ ହାତ ଏବଂ ଡାହାଣ ଗୋଡ଼। ଆଭ୍ୟନ୍ତରୀଣ ଅଙ୍ଗରେ ଆଘାତ ଏବଂ ଏହାକୁ ନେଇ ସୃଷ୍ଟି ହୋଇଥିବା ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଏକାଧିକ ଛୋଟବଡ଼ ଅସ୍ତ୍ରୋପଚାର ହୋଇସାରିଲାଣି। ଚିକିତ୍ସାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁନାହିଁ, ଯାହାକୁ ନେଇ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି ସ୍ୱଳ୍ପ ବେତନଭୋଗୀ ବାପା ପ୍ରଦୀପ। ବିଦ୍ୟୁତ୍ ଆଘାତରେ ପୁଅ ପଙ୍ଗୁ ହୋଇଯିବା କଷ୍ଟଠାରୁ ଅର୍ଥାଭାବ ଯୋଗୁ ଠିକ୍ ଭାବେ ଚିକିତ୍ସା କରାଇ ନ ପାରିବା ଦୁଃଖ ତାଙ୍କୁ ପ୍ରତି ମୁହୂର୍ତ୍ତରେ କୋରିଖାଉଛି। ସରକାରୀ କିମ୍ବା ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ବିନା ପୁଅ ଭଲ ହୋଇପାରିବ ନାହିଁ ବୋଲି ପ୍ରଦୀପ କହିଛନ୍ତି।

ଅଙ୍ଗେନିଭା ଘଟଣା ବଖାଣି ପ୍ରଦୀପ କୋହଭରା କଣ୍ଠରେ କହିଛନ୍ତି, ବିଦ୍ୟୁତ୍ ଆଘାତରେ ଛାତରେ ପଡ଼ି ଛଟପଟ ହେଉଥିବାବେଳେ ବୈକୁଣ୍ଠଙ୍କୁ ଉଦ୍ଧାର କରି ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ପୁଅକୁ କଟକର ଏକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୭ଦିନରେ ପ୍ରାୟ ୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ପାଖରେ ଅଧିକ ଅର୍ଥ ନ ଥିବାରୁ ବାଧ୍ୟ ହୋଇ କଟକ ବଡ଼ ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସେତେବେଳକୁ ଶରୀରରେ ସଂକ୍ରମଣ ଆରମ୍ଭ ହୋଇସାରିଥିଲା। ଜୀବନ ପ୍ରତି ବିପଦ ଥିବାରୁ ଡାକ୍ତରମାନେ ଦୁଇ ହାତ ଏବଂ ଡାହାଣ ଗୋଡ଼ କାଟିଦେଇଥିଲେ। ଏହା ପରେ ବୈକୁଣ୍ଠ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ଅପରେଶନ କରାଯାଇଥିଲା। ସେହିଦିନଠାରୁ ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଚଳିତ ମାସ ୮ ତାରିଖରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ପୁଣି ଥରେ ଏକ ଘରୋଇ ହସ୍ପିଟାଲରେ ଆଡ୍‌ମିଶନ କରାଯାଇଛି। ହେଲେ ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ପ୍ରଦୀପଙ୍କ ପାଖରେ ଅର୍ଥ ନ ଥିବାରୁ ଆଶାଜନକ ଚିକିତ୍ସା ହୋଇପାରୁନାହିଁ। ପୁଅ ବୈକୁଣ୍ଠଙ୍କ ଜୀବନ ବଞ୍ଚାଇବା ଲାଗି ମୋବାଇଲ୍ ନଂ. ୯୫୫୬୬୩୧୦୯୯ରେ ଯୋଗାଯୋଗ କରି ସହାୟତା ପ୍ରଦାନ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ବୈକୁଣ୍ଠଙ୍କ ପାଠପଢ଼ାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ସେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷା ଦେଇଥାଆନ୍ତେ। ହେଲେ ବିଦ୍ୟୁତ୍ ଦୁର୍ଘଟଣା ତାଙ୍କର ସବୁସ୍ୱପ୍ନ ଛଡ଼ାଇ ନେଇଛି।

ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ଏହା ଏକ ଦୁଃଖଦ ଘଟଣା। ସମ୍ପୂର୍ଣ୍ଣ ଘଟଣାବଳୀ ସମ୍ପର୍କରେ ସେ ଅବଗତ ନ ଥିଲେ। ଦୁର୍ଘଟଣାର ଶିକାର ହୋଇଥିବା ନାବାଳକଙ୍କ ବାପା ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇଥିବାରୁ ସରକାରୀ ନିୟମ ଅନୁଯାୟୀ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ କୌଣସି ସହାୟତା ମିଳିପାରିବ ନାହିଁ। ଏଭଳି ଦୁଃଖଦ ସମୟରେ ସମ୍ପୃକ୍ତ ପରିବାରକୁ ସମସ୍ତେ ସହାୟତାର ହାତ ବଢ଼ାଇବା ଉଚିତ। ଏଥିସହ ବ୍ୟକ୍ତିଗତ ଭାବେ ସହଯୋଗ କରିବେ ବୋଲି ଉପଜିଲାପାଳ କହିଛନ୍ତି।

## ସଙ୍ଗଠିତ ହେଲେ ଦୂର ହେବ ସମସ୍ୟା

**ଢେଙ୍କାନାଳ ଅଫିସ, ୧୯।୯**

ଢେଙ୍କାନାଳ ସହର ଭାଗୀରଥି ସାଗରସ୍ଥିତ ମା' ସିଦ୍ଧ ବାସେଳି ମନ୍ଦିର ପରିସରରେ କୈବର୍ତ୍ତ ସମାଜର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ଜିଲାର ୮ ବ୍ଲକ ପାଇଁ ସଭାପତି, ସଂଯୋଜକ ଏବଂ ୪ ପୌରସଂସ୍ଥା ପାଇଁ ସଭାପତି ଓ ସଂଯୋଜକ ନିଯୁକ୍ତି କରି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପ୍ରଦାୟର ପ୍ରତି ସଦସ୍ୟଙ୍କଠାରୁ ୧ ଟଙ୍କା ଲେଖାଏ ସଂଗ୍ରହ କରାଗଲେ ସୁରମ୍ୟ ମନ୍ଦିର ନିର୍ମାଣ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାପତି ରୁଦ୍ରାନ୍ତ ଦଳେଇ, ଅଜୟ ସେଠୀ, କୈଳାସ ଚନ୍ଦ୍ର ସେଠ, ନାରାୟଣ ସାହୁ, ଟଙ୍କଧର ବେହେରା, ରାହୁଲରାୟ ମହାଳିକ, ହଳଧର ମହାଳିକ, ମଦନମୋହନ ବେହେରାଙ୍କ ସମେତ ସମାଜର ବରିଷ୍ଠ ଉପଦେଷ୍ଟା ଲଛମନ ପରିଡ଼ା, ରେବତୀ ବେହେରା, ଗୌରାଙ୍ଗ ବେହେରା, ଚନ୍ଦନ ମହାଳିକ, ନରୋତ୍ତମ ମାଝି, ବଳରାମ ଭାଟ, କାହ୍ନୁ ଦଳେଇ, ରଞ୍ଜନ ଦଳେଇ, ପଳଉ ଦଳେଇ, ଶିଶିର ଦଳେଇ, ମାୟାଧର ମହାଳିକଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ । ମନ୍ଦିର ପରିଚାଳନା କମିଟି ଆବାହକ ମଦନ ମୋହନ ବେହେରା ଧନ୍ୟବାଦ ଦେଇଥିଲେ।

# ନିରାଡ଼ମ୍ବରରେ ୧୧ ଦିନ ପୂଜା

**ଢେଙ୍କାନାଳ ଅଫିସ, ୧୯।୯**



ବୈଠକରେ କମିଟିର କର୍ମକର୍ତ୍ତାମାନେ।

- ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକରେ ନିଷ୍ପତ୍ତି
- ବିଦ୍ୟୁତ୍, ପାନୀୟଜଳ, ରାସ୍ତା ମରାମତି ଉପରେ ଗୁରୁତ୍ୱ
- ତୃତୀୟ ଥର ସଭାପତି ହେଲେ ବିଶ୍ୱନାଥ ବେହେରା

ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ଅକ୍ଟୋବର ୧୯ରୁ ୧୧ଦିନ ଧରି ନିରାଡ଼ମ୍ବରରେ ପାଳିତ ହେବ। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହେବ। ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ମିଳିତବଜାର ଲକ୍ଷ୍ମୀପୂଜା କମିଟି ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମିନାବଜାର ପୂଜା କମିଟି ସଭାପତି ରବିନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ୩ଥର ପାଇଁ ବିଶ୍ୱନାଥ ବେହେରାଙ୍କୁ ମିଳିତବଜାର ଲକ୍ଷ୍ମୀପୂଜା କମିଟିର ସଭାପତି ଭାବେ ଚୟନ କରାଯାଇଛି। ଜବାହରଚୌକ ପୂଜା କମିଟି ସମ୍ପାଦକ ସୁଧାଂଶୁ ଦଳେଇ ତାଙ୍କ ନାମକୁ ପ୍ରସ୍ତାବ ଦେଇଥିବାବେଳେ ମହାବୀର ବଜାର ପୂଜା କମିଟି ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ଏବଂ ଜୁବିଲି ଟାଉନ–୧ ପୂଜା କମିଟି ସମ୍ପାଦକ ବିନୋଦ ମହାନ୍ତି ଏହାକୁ ସମର୍ଥନ କରିଥିଲେ।

ପୂଜାପୂର୍ବରୁ ସହରରେ ବିଦ୍ୟୁତ୍ ଅବ୍ୟବସ୍ଥା ସୁଧାରିବା, ରାସ୍ତାଘାଟ ମରାମତି, ନିୟମିତ ପାନୀୟ ଜଳଯୋଗାଣକୁ ଗୁରୁତ୍ୱ ଦେବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଆବଶ୍ୟକତା ଅନୁଯାୟୀ ପୂଜାମଣ୍ଡପରେ ସାଜସଜ୍ଜା କରାଯିବ। ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ମାନି ଦର୍ଶନ କରିବେ। ଆସନ୍ତା ୨୩ ତାରିଖରେ ପ୍ରଶାସନ ପକ୍ଷରୁ ଆହୂତ ବୈଠକରେ ମିଳିତ ବଜାର ପୂଜା କମିଟି ବୈଠକର ନିଷ୍ପତ୍ତି ସମ୍ପର୍କରେ ଲିଖିତ ଭାବେ ଅବଗତ କରାଯିବ। ସେହିପରି ଭସାଣି କାର୍ଯ୍ୟକ୍ରମ ପୂର୍ବରୁ କାଠଶଙ୍ଖଠାରେ ବଡ଼ଜୋରା ନାଳକୁ ପରିଷ୍କାର କରିବାକୁ ଦାବି କରାଯାଇଛି। ପ୍ରାରମ୍ଭରେ ମିନାବଜାର ପୂଜା କମିଟି ପୂର୍ବତନ ସଭାପତି ପ୍ରଦୀପ ଚୌଧୁରୀ, ଗଣେଶ ବଜାର ପୂଜା କମିଟି ପୂର୍ବତନ ସଭାପତି ଆଶୁତୋଷ ଦାସଗୁପ୍ତାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ପୀତବାସ ସାହୁ, ରାମଚନ୍ଦ୍ର ପାତ୍ର, ସୁଧାଂଶୁ ଦଳେଇ, ନବୀନଚନ୍ଦ୍ର ନାରାୟଣ ଦାସ, ଦୀପକ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ଗୋପାଳ ପାତ୍ର, ଚକ୍ରଧର ନାୟକ, ସମରେନ୍ଦ୍ର ନନ୍ଦ, ମାୟାଧର ପାତ୍ର ପ୍ରମୁଖ ୩୮ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ସ୍ଥାନରେ ଶହୀଦ ମିନାର ସ୍ଥାପନ ଦାବି

**ଢେଙ୍କାନାଳ ଅଫିସ, ୧୯।୯**

ଢେଙ୍କାନାଳ ଜିଲା ସୈନିକ ବୋର୍ଡ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ରବିବାର ଏମ୍‌ପି ମହେଶ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୌରାଞ୍ଚଳର ୧୦ନଂ. ୱାର୍ଡ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳର ମୁଖ୍ୟରାସ୍ତାକୁ ଲାଗି ଜିଲା ସୈନିକ ବୋର୍ଡ ନାମରେ ଥିବା ୧୮ ଗୁଣ୍ଠ ଜମି ଉପରେ ଯବାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟ, କ୍ଲିନିକ୍ ଏବଂ ଶହୀଦ ମିନାର ସ୍ଥାପନ କରିବା ଲାଗି ଦାବି କରାଯାଇଛି। ଦେଶସେବାରେ ଜୀବନ ଉତ୍ସର୍ଗ କରିଥିବା ଯବାନଙ୍କ ପାଇଁ କୌଣସି ଗଠନମୂଳକ କାର୍ଯ୍ୟ କରାଯାଉନାହିଁ। କୁଞ୍ଜକାନ୍ତ, ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ଥିବା ଭଡ଼ା ଘରେ କାର୍ଯ୍ୟାଳୟ ଏବଂ ଏଚ୍‌ସିଏଚ୍ଏସ୍ କ୍ଲିନିକ୍ ଚାଲୁଛି। ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ମିନାର ଠିକଣା ଢଙ୍ଗରେ ପରିଚାଳନା ହେଉନାହିଁ। ତେଣୁ ଏହାକୁ ପ୍ରସ୍ତାବିତ ଜାଗାକୁ ସ୍ଥାନାନ୍ତର କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଉପଖଣ୍ଡସ୍ତରୀୟ ସମ୍ପାଦକ ବିଭୂତି ଭୂଷଣ ନନ୍ଦ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ସଭାପତି କୈଳାସ ଚନ୍ଦ୍ର ରାଉତ, ସହ ସମ୍ପାଦକ ବିଭୂତି ସାହୁ, ବିପିନ ବିହାରୀ ବେହେରା, ଅତନୁ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩୩୧ ମାମଲାର ଫଇସଲା


ରାଷ୍ଟ୍ରୀୟ ଲୋକ ଅଦାଲତରେ ଏକ ମାମଲାର ପରିଚାଳନା କରାଯାଉଛି।

**ଢେଙ୍କାନାଳ ଅଫିସ, ୧୯।୯**

ଢେଙ୍କାନାଳ ଜିଲାର ବିଭିନ୍ନ କୋର୍ଟରେ ରବିବାର ୩ୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୩୩୧ ମାମଲାର ଫଇସଲା କରାଯାଇଥିଲା। ସେଥିରୁ ୩୧ ମୋଟର ଦୁର୍ଘଟଣାଜନିତ, ୨୪ ବିବାହ ଓ ପାରିପାରିକ, ୧୩୨ ଦେୱାନି, ୧୪୪ ଫୌଜଦାରି ମାମଲା ସମେତ ବ୍ୟାଙ୍କ ବିବାଦଗୁଡ଼ିକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୯୭ଲକ୍ଷ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଜରିମାନା ଏବଂ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୧୨ଲକ୍ଷ ୧୯ହଜାର ଟଙ୍କା ଆଦାୟ ହୋଇଛି।

ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲକୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅମିୟ ସାହୁ, ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ରାଜକିଶୋର ମହାପାତ୍ର, ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ, ସୁବାସ ଚନ୍ଦ୍ର ଧଳ, ଲୋପାମୁଦ୍ରା ପଣ୍ଡା, ସୁଶୀଳ ସାହୁ, ସାବିତ୍ରୀ ନାୟକ, ସନ୍ଧ୍ୟା ରଥ, ଶ୍ରୀମୟୀ ନନ୍ଦ ମାମଲାର ପରିଚାଳନା କରିଥିଲେ। ସିଭିଲକୋର୍ଟ ରେଜିଷ୍ଟ୍ରାର ଚିନ୍ମୟ ମିଶ୍ର ଉପସ୍ଥିତ ଥିଲେ। ବିଚାରପତି ସୁକାନ୍ତ କିଶୋର ଜେନା, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନ୍‌ସିଲିଏଟର ସୁବାସିନୀ ମହାକୁଡ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ଡାକ୍ତର ନିଯୁକ୍ତି ଦାବି

**ବଇଣ୍ଡା,୧୯।୯(ଡି.ଏନ୍.ଏ.)**

- ୨ ବର୍ଷ ହେବ ଖାଲି ପଡ଼ିଛି ପଦବୀ
- ୭ ପଞ୍ଚାୟତର ବାସିନ୍ଦା ହନ୍ତସନ୍ତ
- ଜ୍ୱର ହେଲେ ଯିବାକୁ ପଡୁଛି ୧୮ କି.ମି.

ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବାକୁ କାର୍ଯ୍ୟକାରୀ ହେଉଛି ଅନେକ ଯୋଜନା। ନିଃଶୁଳ୍କ ଔଷଧଠାରୁ ଆରମ୍ଭ କରି ଅତ୍ୟାଧୁନିକ ଯନ୍ତ୍ରପାତି ମାଧ୍ୟମରେ ରୋଗ ପରୀକ୍ଷା କରିବା ଲାଗି ଦିଆଯାଉଛି ଗୁରୁତ୍ୱ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ପଦବୀ ପୂରଣ ହେଉ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଏହାର ସଦ୍ୟତମ ଉଦାହରଣ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ୨ବର୍ଷ ହେବ ଡାକ୍ତର ପଦବୀ ଖାଲିପଡ଼ିଛି। ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏଠାରେ ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି କରିବା ଲାଗି ଶନିବାର ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଜୁଲାଇ ୨୦୧୯ରୁ ଠାକୁରଗଡ଼ ଡାକ୍ତରଖାନାରେ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲିପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଠାକୁରଗଡ଼, କୃତ୍ତିବାସପୁର, ସାନହୁଲା, ପେଡ଼ିପଥର, ଆମ୍ବସରମୁଣ୍ଡା, ମଇମୁରା, କନ୍ତପଡ଼ା ପଞ୍ଚାୟତର ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳର ପ୍ରାୟ ୩୦ ହଜାର ଲୋକ ନିର୍ଭର କରୁଛନ୍ତି। ହେଲେ ଡାକ୍ତର ନ ଥିବାରୁ ରୋଗୀସେବାରୁ ବଞ୍ଚିତ ହେଉଛନ୍ତି। ସାମାନ୍ୟ ଜ୍ୱର ହେଲେ ୧୮ କି.ମି. ଦୂର ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ଗର୍ଭବତୀଙ୍କ ପ୍ରସବ ହୋଇପାରୁନାହିଁ। ଡାକ୍ତର ନିଯୁକ୍ତି ପାଇଁ ଗ୍ରାମବାସୀ ପୂର୍ବରୁ ୨୦୨୦ ଫେବୃୟାରୀ ୧୫, ଡିସେମ୍ବର ୨୦, ୨୦୨୧ ମାର୍ଚ୍ଚ ୪, ଜୁଲାଇ ୧୨ରେ ଜିଲାପାଳ, ଜିଲା ସ୍ୱାସ୍ଥ୍ୟାଧିକାରୀ, ସ୍ଥାନୀୟ ବିଧାୟକ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଫଳରେ କୌଣସି ସୁଫଳ ମିଳୁନାହିଁ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମ ସଭାପତି ଯୋଗେଶ୍ୱର ସାହୁ, ହେମନ୍ତ ଖୁଣ୍ଟିଆ, ବୀରବର ପ୍ରଧାନ, ଗୌରାଙ୍ଗ ଖୁଣ୍ଟିଆ, ହେମନ୍ତ ଖୁଣ୍ଟିଆ, ସୁରେଶ ସାହୁ, ଗଣେଶ୍ୱର ଖୁଣ୍ଟିଆ, ବିଜୟ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଜିଲା ସ୍ୱାସ୍ଥ୍ୟଅଧିକାରୀ ତ୍ରିଲୋଚନ ପ୍ରଧାନ କୁହନ୍ତି, ଜିଲା ପାଇଁ ଅଧିକ ଡାକ୍ତର ନିଯୁକ୍ତି କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି। ସରକାର ନିଯୁକ୍ତି ଦେଲେ ଠାକୁରଗଡ଼ରେ ଖାଲି ପଡ଼ିଥିବା ପଦବୀ ପୂରଣ ହେବ।


ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ପୂର୍ବ ଶତ୍ରୁତା ନେଲା ପ୍ରାଣ

**ଅନୁଗୋଳ ଅଫିସ, ୧୯।୯**

**ଜଗନ ହତ୍ୟାକାଣ୍ଡ**


ସଦର ଥାନା ପୋଲିସ ଗିରଫ କରିଥିବା ୮ ଅଭିଯୁକ୍ତ।

- ଭୋଜି କରିବାକୁ ଡାକି ନେଇ ମାରିଦେଲେ
- ୮ ଅଭିଯୁକ୍ତ ଗିରଫ, ୪ ଫେରାର
- ମାରଣାସ୍ତ୍ର ସହ ଠେଙ୍ଗା, ବାଡ଼ି ଜବତ

ଅନୁଗୋଳ ଡେରଜାଙ୍ଗ ଡ୍ୟାମ୍ ଅଞ୍ଚଳରେ ଶନିବାର ରାତିରେ ରନ୍ତଲେଇ ଅଞ୍ଚଳର ଜଗନ୍ନାଥ ସେନାପତି ଓରଫ୍ ଜଗନ (୨୨)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଜଗନ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଫଳରେ ତାଙ୍କର ବହୁଶତ୍ରୁ ସୃଷ୍ଟି ହୋଇଥିଲେ। ଏହା ହିଁ ଜଗନ ହତ୍ୟାକାଣ୍ଡ ପଛର ପ୍ରମୁଖ କାରଣ ବୋଲି ସଦର ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଡ୍ୟାମ୍ ନିକଟ ପୋଡ଼ାଖମଣ ସାହିର ଜିତେନ୍ଦ୍ର ସାହୁ (୨୮), ସଂଗ୍ରାମ ସାହୁ (୨୮), ଜିତେନ୍ଦ୍ର ବିଶ୍ୱାଳ (୪୦), ବିଭୂତି ସାହୁ (୩୩), ତାରିଣୀ ବେହେରା (୩୮), ମମତା ସାହୁ (୪୩), ସୁଭାସିନୀ ବେହେରା (୩୬), ବାସନ୍ତୀ ସାହୁ (୩୫)ଙ୍କୁ ପୋଲିସ ଗିରଫ କରିଛି। ଅନ୍ୟ ୪ଜଣ ଫେରାର ଅଛନ୍ତି। ହତ୍ୟାକାଣ୍ଡସ୍ଥଳରୁ ବାଇକ୍ (ନଂ. ଓଡ଼ି ୧୯ କେ ୬୦୪୮), ୪ ଠେଙ୍ଗା ଜବତ ହୋଇଛି। ମୃତ ଜଗନଙ୍କ ମା' ଅନସୂୟା ସେନାପତିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୬୮/୨୧ରେ ମାମଲା ରୁଜୁ କରିଥିବା ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜଗନ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ସେ ମଦ୍ୟପାନ କରି ଡ୍ୟାମ୍ ତଳସାହି ଗ୍ରାମକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସ୍ଥାନୀୟ ଅଞ୍ଚଳର ଝିଅବୋହୂଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏପରି କି ହତ୍ୟାକାଣ୍ଡର ଦୁଇଦିନ ପୂର୍ବରୁ ସେ ତଳସାହି ଗାଁକୁ ଯାଇ ପାଟିତୁଣ୍ଡ କରିଥିବା ତଦନ୍ତରୁ ଜଣାପଡ଼ିଛି। ବିଶୃଙ୍ଖଳା ସୃଷ୍ଟି କରି ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଥିବା ଜଗନଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଯୋଜନା ମୁତାବକ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଭୋଜି କରିବାକୁ ଜଣେ ଯୁବକ ଜଗନଙ୍କୁ ଡାକିଥିଲେ। ଲୁଙ୍ଗି, ଗଞ୍ଜି, ରେନ୍‌କୋଟ୍ ପିନ୍ଧି ଥିବା ଅବସ୍ଥାରେ ତାଙ୍କୁ ବାଇକ୍‌ରେ ବସାଇ ଡ୍ୟାମ୍ ଆଡକୁ ନେଇଯାଇଥିଲେ। ରନ୍ତଲେଇ ପଟୁ ଡ୍ୟାମ୍‌କୁ ଯିବା ରାସ୍ତାର ମାତ୍ର ୨୦୦ମିଟର ପରେ ଜଗନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏଥିରେ ତାଙ୍କ ଡାହାଣ ପାର୍ଶ୍ୱ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଛାଡ଼ି ଅଭିଯୁକ୍ତମାନେ ଚମ୍ପଟ୍ ମାରିଥିଲେ। ଖବରପାଇ ସାଇଣ୍ଟିଫିକ୍ ଟିମ୍, ଅନୁଗୋଳ ଏସ୍‌ଡିପିଓ, ସଦର ଥାନାଧିକାରୀ ପ୍ରଭାତ ତ୍ରିପାଠୀ, ଏସ୍ଆଇ ପ୍ରକାଶ ଚନ୍ଦ୍ର ମାଝି ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମୃତକଙ୍କ ନାମରେ ୧୫ ରୁ ଊର୍ଦ୍ଧ୍ୱ ମାମଲା

ଛୋଟ ବୟସରୁ ଅପରାଧ ଜଗତରେ ପାଦ ଦେଇଥିଲେ ଜଗନ। ଧୀରେ ଧୀରେ ସେ ପାଲଟି ଯାଇଥିଲେ ଜଣେ ପେସାଦାର ଅପରାଧୀ। ତାଙ୍କ ନାମରେ ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ରାଜପଥରୁ ଲୁଟ୍ କରିବା, ବାଇକ୍ ଚୋରି ଭଳି ଅନେକ ମାମଲାରେ ଜଗନଙ୍କ ହାତ ରହିଥିବା ପୋଲିସ କହିଛି। କିଛିଦିନ ତଳେ ରନ୍ତଲେଇରେ ଏକ ତେଲଟ୍ୟାଙ୍କର ଡ୍ରାଇଭରକୁ ଆକ୍ରମଣ କରି ଗାଡ଼ି ଛଡ଼ାଇ ନେଇ କଟକ ଟାଙ୍ଗୀ ଅଞ୍ଚଳରେ ସ୍କ୍ରାପ୍ କାଟି ବିକ୍ରି କରାଯାଇଥିଲା। ଏହାର ମାଷ୍ଟରମାଇଣ୍ଡ ଥିଲେ ଜଗନ। ବିଭିନ୍ନ ମାମଲାରେ ଜଡ଼ିତ ଥିବାରୁ ତାଙ୍କୁ କୌଣସି ଡକାୟତ ଗୋଷ୍ଠୀ ହତ୍ୟା କରିଥିବା ପୋଲିସ ଅନୁମାନ କରିଥିଲା। ହେଲେ ପୂର୍ବଶତ୍ରୁତା ଏବଂ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି।

